## ପଶ୍ଚିମ ଓଡିଶା ବିକାଶ ପରିଷଦ ର ଅଧ୍ୟକ୍ଷଙ୍କ ଆଠମଲ୍ଲିକ ଗସ୍ତ ।

### ଶିଳାନ୍ୟାସ କଲେ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଡିଟୋରିଅମ ଓ ଅତ୍ୟାଧୁନିକ ପାର୍କ ।

ଅନୁଗୋଳ,ତା.୧.୦୮:- ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କର ପ୍ରମୁଖ ପରାମର୍ଶଦାତା ଶ୍ରୀ ଅସିତ ତ୍ରିପାଠୀ ଆଜି ଆଠମଲ୍ଲିକ ଗସ୍ତରେ ଆସି ମୁଖ୍ୟ ଅତିଥି ଭାବେ ୬ କୋଟି ଟଂକା ବ୍ୟୟରେ ନିର୍ମାଣ ହେବାକୁ ଥିବା ବିଜ୍ଞାପିତ ଅଞ୍ଚଳ ପରିଷଦର ନୂତନ ଅଡିଟୋରିଅମର ଶିଳାନ୍ୟାସ କରିଛନ୍ତି । ସେହିପରି ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ୨ କୋଟି ଟଂକା ବ୍ୟୟରେ ମାନ୍‌ଜୋର ଜଳସେଚନ ଡ୍ୟାମର ପାଦଦେଶରେ ଏକ ଅତ୍ୟାଧୁନିକ ପାର୍କର ଶିଳାନ୍ୟାସ କରିଛନ୍ତି । ଏହି ପାର୍କର ଲମ୍ବ ୩୫୦ ମିଟର ଓ ଦୈର୍ଘ୍ୟ ୫୦ ମିଟର ହେବ । ଏଥିରେ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା କରାଯିବ । ପିଲାମାନଂକ ଖେଳିବା ପାଇଁ ଦୋଳି ଓ ଅନ୍ୟାନ୍ୟ ଖେଳର ବ୍ୟବସ୍ଥା କରିବା ସହ ବୟସ୍କମାନଂକ ଚଲାବୁଲା ନିମନ୍ତେ ଏକ ୱାକିଂ ପାର୍କ କରାଯିବା ପାଇଁ ଖସଡା ପ୍ରସ୍ତୁତ କରିବାକୁ ଅଧ୍ୟକ୍ଷ ପରାମର୍ଶ ଦେଇଛନ୍ତି । ଇଟାଲିଆନ ଘାସରେ ଲନ୍ ପ୍ରସ୍ତୁତ କରାଯିବ । ଏହାଛଡା ପାର୍କରେ ୨ ଗୋଟି ସ୍ନାକସ୍ ପଏଣ୍ଟ ରହିବ ବୋଲି ଅଧ୍ୟକ୍ଷ ପ୍ରକାଶ କରିଥିଲେ । ଏହି ପାର୍କ ହେବା ଦ୍ୱାରା ସ୍ଥାନୀୟ ଜନସାଧାରଣ ଜୀବିକା ଉପାର୍ଜନ କରିବା ସହ ଆତ୍ମନିର୍ଭରଶୀଳ ହୋଇପାରିବେ । ଏହି ପାର୍କର ସମସ୍ତ କାର୍ଯ୍ୟ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯିବ ବୋଲି ଅଧ୍ୟକ୍ଷ ପ୍ରକାଶ କରିଥିଲେ । ପରିବେଶର ସୁରକ୍ଷାକୁ ଦୃଷ୍ଟିରେ ରଖି ପାର୍କରେ ପ୍ଲାଷ୍ଟିକ ବ୍ୟବହାରକୁ ସମ୍ପୂର୍ଣ୍ଣ ରୁପେ ନିଷେଧ କରିବା ପାଇଁ ଜନସାଧାରଣଂକୁ ଅନୁରୋଧ କରଯିବ । ପାର୍କର ରକ୍ଷଣାବେକ୍ଷଣ ନିମନ୍ତେ ଟିକେଟର ବ୍ୟବସ୍ଥା କରାଯିବ ବୋଲି ସେ ପ୍ରକାଶ କରିଥିଲେ । ପର୍ଯ୍ୟଟନ ନୀତିରେ ସମୟକ୍ରମେ ସ୍ଥାନୀୟ ଲୋକମାନଂକୁ ପାର୍କ ମଧ୍ୟରେ ହୋଟେଲ ଓ ଅନ୍ୟାନ୍ୟ ଫୁଡ ଷ୍ଟଲ କରାଯିବାର ପ୍ରସ୍ତାବ ଦେଇଥିଲେ । ଜଳଭଣ୍ଡାର ମଧ୍ୟରେ ଭବିଷ୍ୟତରେ ବୋଟିଂର ବ୍ୟବସ୍ଥା କରାଯିବ । ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ ଯୋଗ ଦେଇ ତାଂକର ଦୀର୍ଘଦିନର ପ୍ରସ୍ତାବିତ ଇକୋ-ଟୁରିଜିମ୍ ଓ ଅତ୍ୟାଧୁନିକ ପାର୍କର ଆଜି ଶିଳାନ୍ୟାସ ହୋଇଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ । ବିନିକେଇ ପିଠର ଉନ୍ନତି ହେଲେ ସ୍ଥାନୀୟ ଜନସାଧାରଣ ବିଶେଷ ଉପକୃତ ହୋଇପାରିବେ ବୋଲି ସେ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗ ଦେଇ ଅଡିଟୋରିଅମ ଓ ଅତ୍ୟାଧୁନିକ ପାର୍କର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେଲେ ସ୍ଥାନୀୟ ଲୋକମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ପରେ ଅଧ୍ୟକ୍ଷ କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ୧୫ ଲକ୍ଷ ଟଂକା ବ୍ୟୟରେ ଏକ ଅତିରିକ୍ତ ଶ୍ରେଣୀ ଗୃହର ଉଦଘାଟନ କରିଥିଲେ । ଅଧ୍ୟକ୍ଷ ୧୩ଟି ଉଚ୍ଚ ବିଦ୍ୟାଳୟ ଓ ୩ଟି ମହାବିଦ୍ୟାଳୟ (କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟ, ଜନତା ମହାବିଦ୍ୟାଳୟ,ବଇଣ୍ଡା ଓ କିଶୋରନଗର ଜୁନିଅର ମହାବିଦ୍ୟାଳୟ)କୁ ସରକାରଂକ ତରଫରୁ ପଙ୍ଖା ବଣ୍ଟନ କରିଥିଲେ । ଏହାଛଡା ଅଧ୍ୟକ୍ଷ କିଶୋରନଗର ବ୍ଲକ୍ କନଫରେନସ ହଲ ଠାରେ ପଶ୍ଚିମ ଓଡିଶା ବିକାଶ ପରିଷଦର ବିଭିନ୍ନ ଉନ୍ନୟନ ପ୍ରକଳ୍ପକୁ ନେଇ ସମୀକ୍ଷା କରିଥିଲେ । ବୈଜ୍ଞାନିକ ଉପାୟରେ ସମସ୍ତ କାର୍ଯ୍ୟକ୍ରମର ଯୋଜନା ପ୍ରସ୍ତୁତ କରିବା ସହ ପ୍ରତ୍ୟେକ କାର୍ଯ୍ୟରେ ପଞ୍ଚାୟତ ନିର୍ବାଚିତ ଲୋକପ୍ରତିନିଧିମାନଂକୁ ସାମିଲ କରିବାକୁ ସେ ପରାମର୍ଶ ଦେଇଥିଲେ । ବିଭିନ୍ନ ବିଭାଗର ଯୋଜନାଗୁଡିକୁ ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରିବାକୁ ସେ ଜିଲ୍ଲାପାଳଂକୁ ପରାମର୍ଶ ଦେଇଛନ୍ତି । କୃଷି ଉଦ୍ୟୋଗୀ ଯେପରି ଅଧିକ ସଂଖ୍ୟାରେ ବାହାରିବେ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ସେ ଜିଲ୍ଲାପାଳଙ୍କୁ କହିଥିଲେ । ଶେଷରେ ଜିଲ୍ଲାପାଳ ସମସ୍ତଂକୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ, ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷା ଆଶା କୁମାରୀ ସାହୁ, ଆଠମଲ୍ଲିକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀ ଦୁଃଶାସନ ରାଉଳ, ପଶ୍ଚିମ ଓଡିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅଜିତ କୁମାର ମିଶ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଶ୍ରୀ ଦିଲ୍ଲିପ କୁମାର ସାହୁ, ଆଠମଲ୍ଲିକ ଉପଜିଲ୍ଲାପାଳ ଶ୍ରୀ ଲଳିତ ମୋହନ ବେହେରା, କିଶୋରନଗର ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଅକ୍ଷୟ କୁମାର ଦାସ, ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ ଶ୍ରୀ ବାମପ୍ରସାଦ ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ପଞ୍ଚାୟତ ନିର୍ବାଚିତ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୪୭ ତା.୦୧.୦୮.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।




realme Shot on realme 9 Pro+
2022.08.01 14:24


REVIEW OF DEVELOPMENT PROJECTS
BY
HON'BLE CHAIRMAN, WODC &
PRINCIPAL ADVISOR TO HON'BLE CM, ODISHA
SHRI ASIT TRIPATHY
DT - 01.08.2022
Collector, Angul
realme Shot on realme 9 Pro+
2022.08.01 16:44